রেভপ্পা গুরুসিদ্দপ্পা

ବନାମ

ଠାକୁବାଇ ମାଧବରାଓ ପାଟିଲ ଏବଂ ଅନ୍ୟମାନେ

ସେପ୍ଟେମ୍ବର 4,1996

[କେ. ରାମାସ୍ୱାମୀ ଏବଂ ଫୈଜାନ ଉଦ୍ଦିନ, ନ୍ୟାୟମୂର୍ତ୍ତିଦ୍ୱୟ]

*ନିର୍ଦ୍ଦିଷ୍ଟ ନିଦାନ ଅଧିନିୟମ, 1963:*

*ଭୂମି କ୍ରୟ ପାଇଁ ରାଜିନାମା – ବଇନାର ପ୍ରଦାନ – ପରବର୍ତ୍ତୀ ସମୟରେ ଅନ୍ୟ ପକ୍ଷଙ୍କୁ ସମ୍ପତ୍ତି ବିକ୍ରୟ ହୋଇଥିଲା – ନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ମକଦ୍ଦମା – ବିଚାର କରୁଥିବା ନ୍ୟାୟାଳୟ ନିର୍ଦ୍ଦିଷ୍ଟ ସମ୍ପାଦନର ପ୍ରତିକାର ମଞ୍ଜୁର କରିବାକୁ ପ୍ରତ୍ୟାଖ୍ୟାନ କରିଛନ୍ତି – ସୁଧ ସହିତ ବଇନାର ଫେରସ୍ତ ନିର୍ଦ୍ଦେଶିତ କରିଛନ୍ତି – ପ୍ରଥମ ଅପିଲ ନ୍ୟାୟାଳୟ ନିର୍ଦ୍ଦିଷ୍ଟ ସମ୍ପାଦନକୁ ମଞ୍ଜୁର କରିଛନ୍ତି – ଦ୍ୱିତୀୟ ଅପିଲରେ ଉଚ୍ଚ ନ୍ୟାୟାଳୟ ପ୍ରସ୍ତାବିତ କ୍ରେତାଙ୍କ ଆଳକୁ ସମର୍ଥନ କରିଛନ୍ତି ଯେ, ସେ ରାଜିନାମାର ତାଙ୍କ ଦାୟିତ୍ୱ ସମ୍ପାଦନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ – ପ୍ରସଙ୍ଗ ଗଠନ ପାଇଁ ଜିଲ୍ଲା ନ୍ୟାୟାଳୟଙ୍କୁ ମାମଲା ପଠାଇଥିଲେ – ଦର୍ଶାଯାଇଛି: ଉଚ୍ଚ ନ୍ୟାୟାଳୟ ମାମଲାକୁ ଯଥାର୍ଥ ଭାବରେ ଜିଲ୍ଲା ନ୍ୟାୟାଳୟଙ୍କୁ ପଠାଇଥିଲେ ଏବଂ ତେଣୁ କୌଣସି ହସ୍ତକ୍ଷେପ ଆବଶ୍ୟକ ହୋଇନଥିଲା ।*

ଦେୱାନୀ ଅପିଲ ଅଧିକାରିତା : ବିଶେଷ ଅନୁମତି ଆବେଦନ (ସି) ସଂଖ୍ୟା 19053/1996 ।

ଆର୍.ଏସ୍.ଏ. ସଂଖ୍ୟା 196/1996 ରେ କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ତା 25.3.96 ରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ସନ୍ଥ କେ ଆର୍., ଭି. ମହାଲେ ଏବଂ ପି. ମହାଲେ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ବିଳମ୍ବକୁ କ୍ଷମା କରାଗଲା ।

ଏହି ବିଶେଷ ଅନୁମତି ଆବେଦନ ଆର୍.ଏସ୍.ଏ. ସଂଖ୍ୟା 196/90 ରେ ମାର୍ଚ୍ଚ 25, 1996 ରେ ଦିଆଯାଇଥିବା କର୍ଣ୍ଣାଟକ ଉଚ୍ଚ ନ୍ୟାୟାଳୟଙ୍କ ପ୍ରତିପ୍ରେରଣ ଆଦେଶ ବିରୋଧରେ ଦାଖଲ କରାଯାଇଛି । ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ, ପ୍ରଥମ ଉତ୍ତରଦାତା ମାର୍ଚ୍ଚ 11,1983 ରେ ଟ. 12,000 ର ଜରସମନ

ପାଇଁ 3 ଏକର 28 ଗୁଣ୍ଠ ଭୂମି କ୍ରୟ କରିବା ପାଇଁ ଏକ ରାଜିନାମା ସମ୍ପାଦନ କରିଥିଲେ ଏବଂ ସେ ଟ. 2,000 ବଇନା ଭାବରେ ପ୍ରଦାନ କରିଥିଲେ । ଆବେଦନକାରୀ-ଦ୍ୱିତୀୟ ପ୍ରତିବାଦୀ ଜୁଲାଇ 8, 1983 ରେ ଟ. 6,000 ର ଜରସମନ ପାଇଁ ସ୍ୱୟଂ-ସମାନ ସମ୍ପତ୍ତି କ୍ରୟ କରିଥିଲେ ଏବଂ ବିକ୍ରି ଦଲିଲ ପଞ୍ଜୀକୃତ କରିଥିଲେ । ପ୍ରଥମ ଉତ୍ତରଦାତା ନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ମକଦ୍ଦମା ଦାଖଲ କରିଥିଲେ । ବିଚାର କରୁଥିବା ନ୍ୟାୟାଳୟଙ୍କ ସିଦ୍ଧାନ୍ତ ଯେ, ଆବେଦନକାରୀ ସମ୍ପତ୍ତି କ୍ରୟ କରିଛନ୍ତି ଏବଂ ଯଦି ନିର୍ଦ୍ଦିଷ୍ଟ ସମ୍ପାଦନ ପାଇଁ ଡିକ୍ରି ମଞ୍ଜୁର କରାଯାଏ, ତେବେ ଏହା ତାଙ୍କ ପାଇଁ ଅପୂରଣୀୟ କ୍ଷତି ଘଟାଇବ, ସୁଧ ସହିତ ବଇନା ଫେରସ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ପ୍ରଥମ ଉତ୍ତରଦାତା ଏହି ମାମଲାକୁ ଅପିଲରେ ଉଠାଇଥିଲେ । ଅପିଲ ନ୍ୟାୟାଳୟ, ବିଚାର କରୁଥିବା ନ୍ୟାୟାଳୟଙ୍କ ଡିକ୍ରିକୁ ଏହି ସିଦ୍ଧାନ୍ତରେ ରଦ୍ଦ କରିଦେଇଥିଲେ ଯେ, ଆବେଦନକାରୀ ଯୁକ୍ତି କରିନଥିଲେ ଯେ, ବିକ୍ରୟର ପୂର୍ବ ରାଜିନାମାର ବିଜ୍ଞପ୍ତି ବିନା ମୂଲ୍ୟ ପାଇଁ ସେ ଜଣେ *ଯଥାର୍ଥ* କ୍ରେତା ଥିଲେ । ଏହା ମଧ୍ୟ ଦର୍ଶାଯାଇଥିଲା ଯେ, ସେହି ଆଧାରରେ ନିର୍ଦ୍ଦିଷ୍ଟ ସମ୍ପାଦନର ପ୍ରତିକାର ମଞ୍ଜୁର କରିବାକୁ ପ୍ରତ୍ୟାଖ୍ୟାନ କରିବା ଆଇନରେ ବୈଧ ନୁହେଁ । ତଦନୁସାରେ, ଏହା ବିଚାର କରୁଥିବା ନ୍ୟାୟାଳୟଙ୍କ ଡିକ୍ରିକୁ ପଲଟାଇଦେଇଥିଲେ ଏବଂ ନିର୍ଦ୍ଦିଷ୍ଟ ସମ୍ପାଦନକୁ ମଞ୍ଜୁର କରିଥିଲେ । ଦ୍ୱିତୀୟ ଅପିଲରେ, ଉଚ୍ଚ ନ୍ୟାୟାଳୟ, ଉତ୍ତରଦାତାଙ୍କ ଅଭିବଚନକୁ ସମର୍ଥନ କରିଥିଲେ ଯେ, ସେ ରାଜିନାମାର ତାଙ୍କ ଦାୟିତ୍ୱ ସମ୍ପାଦନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିଲେ ଏବଂ ସେ ସେହି ତରଫରୁ ପ୍ରମାଣକୁ ଆଗକୁ ବଢାଇଥିଲେ ଯେ, ପୂର୍ବ ରାୟ ଆଧାରରେ ଏକ ପ୍ରସଙ୍ଗ ଗଠନ କରିବାକୁ ମାମଲାଟିକୁ ଜିଲ୍ଲା ନ୍ୟାୟାଳୟଙ୍କୁ ପଠାଇଥିଲେ ଏବଂ ଏହି ତରଫରୁ ପ୍ରସଙ୍ଗର ସମାଧାନର ଆବଶ୍ୟକତା ଥିଲା । ଆମକୁ ପ୍ରତିପ୍ରେରଣ ଆଦେଶର ସଠିକତା ବିଚାରକୁ ନେବାର ଆବଶ୍ୟକତା ନାହିଁ ଯେହେତୁ ପ୍ରଥମ ଉତ୍ତରଦାତା ସେହି ଆଦେଶ ବିରୋଧରେ କୌଣସି ଏସ୍ ଏଲ୍ ପି ଦାଖଲ କରିନାହାଁନ୍ତି । ଏହା କହିବା ଯଥେଷ୍ଟ ଯେ, ଆବେଦନକାରୀଙ୍କ ଏହି ମାମଲାରେ ମାମଲାକୁ ପ୍ରତିପ୍ରେରଣ ପାଇଁ ଅଭିଯୋଗ କରିବାର କୌଣସି କାରଣ ନାହିଁ । ସେ ଜଣେ ପରବର୍ତ୍ତୀ କ୍ରେତା ବୋଲି ନିଜେ ବିଚାର କରୁଥିବା ନ୍ୟାୟାଳୟଙ୍କ ଦ୍ୱାରା ଜଣାପଡ଼ିଥିବା ସିଦ୍ଧାନ୍ତକୁ ଦୃଷ୍ଟିରେ ରଖି ଏବଂ ପ୍ରଥମ ଉତ୍ତରଦାତା ଚୁକ୍ତିର ନିଜ ଦାୟିତ୍ୱକୁ ସମ୍ପାଦନ କରିବାକୁ ପ୍ରସ୍ତୁତ ଏବଂ ଇଚ୍ଛୁକ ଥିଲେ କି ନାହିଁ ଏବଂ ପୂର୍ବରୁ ନଥିରେ ଥିବା ପ୍ରମାଣ ଆଧାରରେ ମାମଲାର ନିଷ୍ପତ୍ତି ନେବା ପାଇଁ, ଏହି ପ୍ରସଙ୍ଗକୁ ଗଠନ କରିବାକୁ ଉଚ୍ଚ ନ୍ୟାୟାଳୟ ମାମଲାଟିକୁ ପଠାଇ ଦେଇଛନ୍ତି, ଆମେ ଭାବୁନାହୁଁ ଯେ, ମାମଲାଟିକୁ ପଠାଇବାରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା କୌଣସି ଆଇନଗତ ତ୍ରୁଟି ହୋଇଛି ।

ତଦନୁସାରେ ଏସ୍ ଏଲ୍ ପି କୁ ଖାରଜ କରାଯାଇଛି ।

ଜି.ଏନ୍.

ଆବେଦନକୁ ଖାରଜ କରାଗଲା ।

**<u>ଅସ୍ୱୀକରଣ</u>**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

**ଅନୁବାଦିକା :- ସୁଧା ସୁରମ୍ୟା ସାହୁ**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**